# Akashvani, Sambalpur

## SAMBALPURI NEWS EVENING BULLETIN

## 17 May 2026-7.02- 7.12 pm.

---

୧- ରାଷ୍ଟ୍ରପତିଙ୍କର୍ ଅନୁମୋଦନ୍ ଉତ୍ରୁ ୩୮ କେ ବଢ୍‌ଲା ସୁପ୍ରିମ୍‌କୋର୍ଟ ବିଚାର୍‌ପତିଙ୍କର୍ ସଂଖ୍ୟା ।

୨- ନୂଆଦିଲ୍ଲୀ ନ ଆଏବା ୨୫ ତାରିଖ୍ ଦିଆଯିବା ୨୦୨୬ ବଛର୍ ଲାଗି ପଦ୍ମ ପୁରସ୍କାର୍ ।

୩- ଅପରାଧୀମାନ୍‌କର୍ ଲାଗି ରାଜ୍ୟ ସର୍‌କାର୍ ଶୂନ୍ୟସହନଶୀଳତା ନୀତି ଅପ୍‌ନଉଛନ୍ କହେଲେ ପୁଲିସ୍ ମହାନିର୍ଦ୍ଦେଶକ୍ ।

ଆଉର୍

୪- ଆଏଜ୍‌ଠାନୁ ୨ ଦିନିଆ ଓଡ଼ିଶା ଗସ୍ତଥି ଆସୁଛନ୍ ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ନୀତିନ୍ ନବୀନ୍ ।

ବିଚାର୍‌ପତି ସଂଖ୍ୟା ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସୁପ୍ରିମ୍‌କୋର୍ଟ ବିଚାର୍‌ପତି ସଂଖ୍ୟା ୩୩ ନୁ ୩୭ କେ ବଢ଼ାବାର୍ ଲାଗି ମଞ୍ଜୁରୀ ଦେଇଛନ୍ । ସୁପ୍ରିମ୍‌କୋର୍ଟ ବିଚାର୍‌ପତି ସଂଖ୍ୟା ସଂଶୋଧନ୍ ଅଧ୍ୟାଦେଶ୍ ଅନ୍‌ସାରେ କେନ୍ଦ୍ର ଆଇନ୍ ଆଉ ନ୍ୟାୟ ମନ୍ତ୍ରଣାଳୟ ତର୍‌ଫୁ ବିଚାର୍‌ପତି ସଂଖ୍ୟା ବଢ଼ାବାର୍ ବାବ୍‌ଦେ ଗେଜେଟ୍ ବିଜ୍ଞପ୍ତି ବାହାରିଛେ । ଯେନ୍‌ଥିର୍‌ଲାଗି ପ୍ରଧାନ୍‌ବିଚାର୍‌ପତିଙ୍କର୍ ସହେତେ ସର୍ବୋଚ୍ଚ ନ୍ୟାୟାଳୟର୍ ବିଚାର୍‌ପତି ସଂଖ୍ୟା ୩୮ କେ ବଢ଼ିଛେ ।

ପଦ୍ମପୁରସ୍କାର ପି.ଆଇ.ବି.

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ୨୦୨୬ ବଛର୍ ଲାଗି ପଦ୍ମପୁରସ୍କାର୍ ପ୍ରଦାନ୍ କର୍‌ବେ । ଆଏବା ୨୫ ତାରିଖ୍ ଦିନ ରାଷ୍ଟ୍ରପତି ଭବନ୍ ନ ହେବାର୍‌କେ ଥିବା ଖାସ୍ ସମାରୋହଥି ରାଷ୍ଟ୍ରପତି ପଦ୍ମବିଭୂଷଣ୍, ପଦ୍ମଭୂଷଣ୍ ଆଉ ପଦ୍ମଶ୍ରୀ ପୁରସ୍କାର୍ ବିଜେତା ମାନ୍‌କୁ ପହେଲା ଖେପ୍ ବେସାମରିକ୍ ପୁରସ୍କାର୍ ଦେବେ ।

ମନ୍ କି ବାତ୍ ଆର୍ଏନ୍ୟୁ/ ସମ୍ବଲପୁର

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା ୩୧ ତାରିଖ୍ ରଏବାର୍ ଦିନ ସଖାଲର୍ ୧୧ ବଜେ ଆକାଶ୍‌ବାଣୀର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଜରିଏ ଦେଶ୍ ଆଉ ଦୁନିଆସାରା ଲୁକ୍‌କର୍ ସାଙ୍ଗେ ବିଚାର୍ ବିନିମୟ କର୍‌ବେ । ଇଟା ତାଙ୍କର୍ ଶହେ ୩୪ ନମ୍ବର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ହେବା । ଇଥିର୍‌ଲାଗି ପ୍ରଧାନମନ୍ତ୍ରୀ ସାଧାରଣ୍ ଲୁକ୍‌କର୍ ମତାମତ୍ ମାଗିଛନ୍ । ଲୁକେ ନମୋ ଆପ୍ ଆର୍ ମାଇ ଗଭ୍ ପୋର୍ଟାଲ୍‌ଥି ସେମାନ୍‌କର୍ ମତାମତ୍ ଦେଇପାର୍‌ବେ । ଇତାର୍‌ଛଡ଼ା ୧୮୦୦-୧୧-୭୮୦୦ ଡାଏଲ୍ କରିକରି ନିଜେ ନିଜର୍ ମତାମତ୍ ରେକର୍ଡ଼ କରେଇପାର୍‌ବେ । ୧୯୨୨ ନମ୍ବର୍‌କେ ମିସଡ଼୍ କଲ୍ ଦେଇକରି ଏସ୍‌ଏମ୍‌ଏସ୍ ଜରିଏ ଆଏବା ୨୯ ତାରିଖତକ୍ ନିଜର୍ ମତାମତ୍ ଦେଇପାର୍‌ବେ ।

ୱାଇ.ବି. ଖୁରାନିଆ ଆର୍ଏନ୍ୟୁ/ ସମ୍ବଲପୁର

ରାଏଜେ ଅପରାଧୀମାନ୍‌କର୍ ଲାଗି ଜାଗା ନାଇନ ପୁଲିସ୍ ମହାନିର୍ଦ୍ଦେଶକ୍ ୱାଇ.ବି. ଖୁରାନିଆ କହିଛନ୍ । ଅପରାଧ୍ ଆଉ ଅପରାଧୀମାନ୍‌କର୍ ଲାଗି ରାଜ୍ୟ ସର୍‌କାର୍ ଶୂନ୍ୟ ସହନଶୀଳତା ନୀତି ଅପ୍‌ନଉଛନ୍ । ଶ୍ରୀ ଖୁରାନିଆ କହିଛନ୍, ଫି ଅପରାଧ୍‌ର ଜବାବ୍ ଦେବାର୍ ଲାଗି ପୁଲିସ୍ ପ୍ରଶାସନ୍ ପ୍ରସ୍ତୁତ ରହିଛେ । ଅପରାଧୀମାନେ ଅପରାଧ୍ ଘଟାବାର୍ ବଦ୍‌ଲା ସମାଜ୍‌ର ମୁଖ୍ୟ ସ୍ରୋତଥି ସାମିଲ୍ ହେବାର୍ ଲାଗି ସେ କହିଛନ୍ । ସୂଚ୍‌ନା ଅନ୍‌ସାରେ, ଗଲା ୫ ଦିନ ଭିତ୍‌ରେ ରାଏଜେ ୧ ହଜାର୍ ୭ ଶହ ନୁ ଅଏତ୍‌କା ଜାମିନ୍ ବିହିନ ଗିରଫ୍ ପରୱାନା ଜାରି କରାଯାଇଛେ । ୬ ଝନ୍‌କର୍ ବିରୋଧ୍‌ଥି ଜାତୀୟ ସୁରକ୍ଷା ଆଇନ୍ ଲାଗୁ କରାଯାଇଥିବାର୍ ବେଲେ ୫୦ ନୁ ଅଏତ୍‌କା ଫେରାର୍ ଅପରାଧୀଙ୍କୁ ଗିରଫ୍ କରାଯାଇଛେ । ପୁଲିସ୍ ମହାନିର୍ଦ୍ଦେଶକ୍ କହିଛନ୍, ଗୁଇନ୍ଦା ସୂଚ୍‌ନା ଆଧାର୍‌ଥି ଜେଲ୍ ଫିରନ୍ତା ମାନ୍‌କର୍ ଉପ୍‌ରେ କଡ଼ା ନଜର୍ ରଖାଯାଇଛେ । ଆଏବା ୧୦ ଦିନ୍‌ତକ୍ ଅପରାଧୀମାନ୍‌କର୍ ବିରୋଧ୍‌ଥି ଇ ଅଭିଯାନ୍ ଜାରି ରହେବା ବଲି ସେ କହିଛନ୍ ।

ରାଏଜେ ଆଇନ୍ ଶୃଙ୍ଖଳା ପରିସ୍ଥିତିକେ କଡ଼ାକଡ଼ି କର୍‌ବାର୍ ଉଦ୍ଦେଶ୍ୟଥି ଫି' ଜିଲ୍ଲାର୍ ଆରକ୍ଷୀ ଅଧିକ୍ଷକ୍‌ମାନେ ସଜାଗ୍ ଅଛନ୍ ।
(ଭଏସ୍ ଓଭର୍- ଖୁରାନିଆ)

ପ୍ରାକ୍ ବନ୍ୟା ସମୀକ୍ଷା ବୈଠକ ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ରାଜ୍ୟ ସର୍‌କାର୍‌ଙ୍କର୍ ଜଲ୍‌ସମ୍ପଦ୍ ବିଭାଗ୍ ତର୍‌ଫୁ ଆଏବା ୨୦୨୬-୨୭ ବନ୍ୟା ଋତୁକେ ନଜର୍‌ଥି ରଖିକରି ପ୍ରାକ୍ ବନ୍ୟା ପ୍ରସ୍ତୁତି ସମୀକ୍ଷା ବୈଠକ୍ ଡକାଯାଇଛେ । ଆଏବା ମେ ୨୬ ତାରିଖ୍ ଉପର୍‌ବେଲା ରାଜୀବ୍ ଭବନ୍ ନ ଥିବା ବିଭାଗ୍‌ର ସମ୍ମିଲନୀ କକ୍ଷ ନ ଇ ବୈଠକ୍ ହେବା । ଆଏବା ମୌସୁମୀ ଋତୁଥି ବନ୍ୟାର୍ ସଫଲ୍ ମୁକାବିଲା ଲାଗି ବିଭାଗ୍ କେତେଦୂର୍ ପ୍ରସ୍ତୁତ୍ ଅଛେ ସେ ବାବ୍‌ଦେ ବୈଠକ୍‌ଥି ଆଲୋଚନା କରାଯିବା । ଇତାର୍‌ସହେତେ ବନ୍ୟା ନିୟନ୍ତ୍ରଣ୍ ବ୍ୟବସ୍ଥା, ବିପଦସଙ୍କୁଳ ସ୍ଥିତିର ଆକଲନ୍ ଆଉ ଜରୁରୀକାଲୀନ୍ ପରିସ୍ଥିତିର୍ ମୁକାବିଲା ଲାଗି ତିଆର୍ ହେଇଥିବା ଯୋଜ୍‌ନା ବାବ୍‌ଦେ ସମୀକ୍ଷା କରାଯିବା । ବୈଠକ୍‌ଥି ଯୋଗ୍ ଦେବାର୍ ଲାଗି ଜଲସମ୍ପଦ୍

ବିଭାଗ୍‌ର ସର୍ବୋଚ୍ଚ ଯନ୍ତ୍ରୀ ଭିନ୍ ଭିନ୍ ନଦୀ ଅବବାହିକାର୍ ମୁଖ୍ୟଯନ୍ତ୍ରୀ ଆଉ ବେସିନ୍ ମେନେଜର୍ ପାଏନ୍ ନିଷ୍କାସନ୍ ଯୋଜ୍‌ନା, ବନ୍ଧ ସୁରକ୍ଷା ଆଉ କ୍ଷୁଦ୍ର ଜଲ୍‌ସେଚନ୍ ବିଭାଗ୍‌ର ସବୁ ମୁଖ୍ୟ ଯନ୍ତ୍ରୀମାନ୍‌କୁ ଉପସ୍ଥିତ୍ ରହେବାର୍‌କେ ବିଭାଗ ତର୍‌ଫୁ ନିର୍ଦ୍ଦେଶ୍ ଦିଆଯାଇଛେ ।

ନୀତିନ୍ ନବୀନ୍ -ଓଡ଼ିଶାଗସ୍ତ          ଆର୍‌ଏନ୍‌ୟୁ/ କଟକ୍

ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ନୀତିନ୍ ନବୀନ୍ ୨ ଦିନିଆ ଓଡ଼ିଶା ଗସ୍ତଥି ଆସିକରି ଆଏଜ୍ ବେଲ୍‌ବୁଡ଼େ ଭୁବ୍‌ନେଶ୍ୱର୍ ପୁହୁଁଚିବେ । ବିଜେପି ରାଜ୍ୟ କାର୍ଯ୍ୟାଲୟ ନ ଆଏବା କାଏଲ୍ ହେବାର୍‌କେ ଥିବା କୋର୍ କମିଟି ବୈଠକ୍‌ଥି ଶ୍ରୀ ନବୀନ୍ ଯୋଗ୍ ଦେବେ ବଲି ଦଲ୍ ତର୍‌ଫୁ କୁହାଯାଇଛେ । ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ହେବାର୍ ଉତ୍‌ରୁ ଶ୍ରୀ ନବୀନ୍ ପହେଲାଥର୍ ଲାଗି ଓଡ଼ିଶା ଗସ୍ତଥି ଆସୁଛନ୍ । ଇତାର୍ ଆଘୋନୁ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ସାମାଜିକ୍ ଗଣମାଧ୍ୟମ୍‌ଥି ଶ୍ରୀ ନବୀନ୍‌ଙ୍କୁ ସ୍ୱାଗତ୍ କର୍‌ବାର୍ ସହେତେ ତାଙ୍କର୍ ମାର୍ଗଦର୍ଶନ୍ ସମୃଦ୍ଧ ଓଡ଼ିଶା

ଗଠନ୍‌ର ସଂକଳ୍ପକେ ନୂଆଁ ଶକ୍ତି ଦେବା ବଲି କହିଛନ୍ । ସୂଚ୍‌ନା ଅନ୍‌ସାରେ ଆଏବା କାଏଲ୍ ଶ୍ରୀ ନବୀନ୍ ଖୋର୍ଦ୍ଧା ଜିଲ୍ଲା ଜଟ୍‌ଣୀ ନ ଥିବା ଆଇଆଇଟି ପାଶର୍ ଏସିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଫିଜିକାଲ୍ ହେଲ୍‌ଥ ବିଶ୍ୱ ବିଦ୍ୟାଲୟ ପରିସର୍ ନ ଜିଲ୍ଲାସ୍ତରୀୟ ପଣ୍ଡିତ୍ ଦୀନ୍ ଦୟାଲ୍ ପ୍ରଶିକ୍ଷଣ୍ ମହାଅଭିଯାନ୍ ଶିବିର୍‌କେ ଉଦ୍‌ଘାଟନ୍ କର୍‌ବେ । ତାର୍ ଉତ୍‌ରୁ ସେ ପୁରୀ ଯାଇକରି ମାହାପୁରୁଙ୍କୁ ଦର୍ଶନ୍ କର୍‌ବାର୍ କାର୍ଯ୍ୟକ୍ରମ୍ ରହିଛେ । ବେଲ୍‌ବୁଡ଼େ ରାଜ୍ୟକାର୍ଯ୍ୟାଳୟ ନ ରାଜ୍ୟ ପଦାଧିକାରୀ ମୋର୍ଚ୍ଚା ସଭାପତି ଆଉ ମନ୍ତ୍ରୀ ପରିଷଦ୍‌ର ବୈଠକ୍‌ଥି ସେ ଯୋଗ୍ ଦେବେ ।

ଓପିଏସ୍‌ଇ- ପ୍ରିଲିମିନାରୀ ପରୀକ୍ଷା ଆର୍‌ଏନ୍‌ୟୁ/ ସମ୍ବଲପୁର

ଓଡ଼ିଶା ଲୋକ୍‌ସେବା ଆୟୋଗ୍ -ଓପିଏସ୍‌ଇ ତର୍‌ଫୁ ସିଭିଲ୍ ସର୍ଭିସ୍ ପ୍ରିଲିମିନାରୀ ପରୀକ୍ଷା-୨୦୨୫ ର କାର୍ଯ୍ୟସୂଚୀ ବାହାରିଛେ । ଆଏବା ଜୁନ୍ ମାସ ୭ ତାରିଖ୍ ପ୍ରିଲିମିନାରୀ ପରୀକ୍ଷା ୨ ଟା ଖେପେ ହେବା । ରାଜ୍ୟର୍ ୬ ଟା ଜୋନ୍ ସମ୍ବଲ୍‌ପୁର୍,

ଭୁବ୍‌ନେଶ୍ୱର୍, ବାଲେଶ୍ୱର୍, ବ୍ରହ୍ମପୁର୍, କଟକ୍ ଆଉ ଜୟପୁର୍ ନ ପରୀକ୍ଷା ହେବା ବଲି ଜନାପଡ଼ିଛ ।

ଅଗ୍ନିବୀର୍ ପ୍ରବେଶିକା ପରୀକ୍ଷା ଆର୍‌ଏନ୍‌ୟୁ/ ସମ୍ବଲପୁର

୨୦୨୬ -୨୭ ବଛର୍ ଲାଗି ଭାରତୀୟ ସେନାଥି ନିଯୁକ୍ତି ଲକ୍ଷ୍ୟଥି ଅଗ୍ନିବୀର୍ ଯୋଜ୍‌ନା ଆଉ ନିୟମିତ କେଡ଼ର ଅନ୍‌ଲାଇନ୍ ସାଧାରଣ୍ ପ୍ରବେଶିକା ପରୀକ୍ଷା ଜୁନ୍ ମାସ ପହେଲାନୁ ମୁଲ୍ ହେବା । ୧୨ ତାରିକ୍ ତକ୍ ଚାଲ୍‌ବାର୍‌କେ ଥିବା ପରୀକ୍ଷା କୋଲ୍‌କାତା ନିଯୁକ୍ତି ଜୋନ୍‌ଥି ସିକିମ୍, ପଶ୍ଚିମବଙ୍ଗ ଆଉ ଓଡ଼ିଶାର ୧୭ ଟା ସହରର୍ ୨୬ ଟା କେନ୍ଦ୍ର ନ କରାଯିବା । ଓଡ଼ିଶାର୍ ୭ ଟା ସହର୍ ସମ୍ବଲ୍‌ପୁର୍, କଟକ୍, ଭୁବ୍‌ନେଶ୍ୱର୍, ଢେଙ୍କାନାଲ୍, ରାଉର୍‌କେଲା, ବାଲେଶ୍ୱର୍ ଆଉ ବ୍ରହ୍ମପୁର୍ ନ ଇ ପରୀକ୍ଷା କେନ୍ଦ୍ର କରାଯିବା । ୧୫ ତାରିଖ୍‌ନୁ ଅନ୍‌ଲାଇନ୍‌ଥି ପ୍ରବେଶ୍‌ପତ୍ର ମିଲିପାର୍‌ବା ।

ଯୁକ୍ତ ଦୁଇ ପରୀକ୍ଷାଫଳ        ହି.ସ.

ଉଚ୍ଚମାଧ୍ୟମିକ୍ ଶିକ୍ଷା ପରିଷଦ୍ ପରିଚାଳିତ୍ ଯୁକ୍ତ ଦୁଇ କଳା, ବିଜ୍ଞାନ୍ ଆଉ ବାଣିଜ୍ୟ ପରୀକ୍ଷାଫଲ୍ ଖୋବ୍ ଜଲ୍ଦି ବାହାରିବା । ଆଏବା ୨ ଦିନ୍ ଭିତ୍ରେ ପରୀକ୍ଷାଫଲ୍ ତାରିଖ୍ ଘୋଷ୍ନା କରାଯିବା ବଲି ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ସୂଚ୍ନା ଦେଇଛନ୍ । ଇ ବଛର୍ ଫେବୃଆରୀ ୧୮ ନୁ ୨୮ ତାରିଖ୍ତକ୍ ଇ ପରୀକ୍ଷା ହେଇଥିଲା । ଯେନ୍ଥି ୪ ଲାଖ୍ନୁ ଅଏତ୍କା ଛାତ୍ରଛାତ୍ରୀ ପରୀକ୍ଷା ଦେଇଛନ୍ ।

ରଥଯାତ୍ରା- ରଥ ତିଆରି        ପୁରୀ ସମ୍ବାଦଦାତା

ଶ୍ରୀକ୍ଷେତ୍ର ପୁରୀ ନ ତିନ୍ହି ରଥର୍ ତିଆର୍ କାମ୍ ଜୋର୍ସୋର୍ଥି ଚାଲିଛେ । ରଥ ମାନ୍କର୍ ୩୯ ଟା ଚକା ତିଆରି ଶେଷ୍ ହେଇଥିବାର୍ ବେଳେ ଚାରି ନାହାକା ତିଆର୍ କାମ୍ ଭିଲ୍ ଶେଷ୍ ହେଇଛେ । ତିନ୍ହି ରଥର ଢମକ ତିଆରି ଶେଷ୍ ଖେପେ ପୁହୁଁଚିଥିବାର୍ ବେଳେ ଗୁଟେ ଗୁଟେ ଚକାର ସିଙ୍ଗଡ଼ା ପିଟା

କାମ୍ ଶେଷ୍ ହେଇଛେ । ରୂପକ ସେବକମାନେ ତିନ୍‌ହି ରଥର୍ ସାଲଗୁଜ ଥି ରୂପ ଖୋଦେଇ ସହେତେ ଶେଷ୍ ହେଇଥିବା ରୂପ ମାନ୍‌କର୍ ପଲିସ୍ କାମ୍ ଆଉ ଅଳଙ୍କାର୍ ପକା କାମ୍ କରୁଛନ୍ ।

ସିଏନ୍‌ଜି- ଦରବୃଦ୍ଧି ଆର୍‌ଏନ୍‌ୟୁ/ ସମ୍ବଲପୁର

ଇନ୍ଦ୍ରପ୍ରସ୍ଥ ଗେସ୍ ଲିମିଟେଡ୍ ଇ ହପ୍ତା ଫେର୍‌ଥରେ ସିଏନ୍‌ଜି ଦର୍‌କେ ବଢ଼େଇଛେ । ଇ ଦର୍ ଟଙ୍କାଟେ ବଢ଼ିଥିବାର୍ ସୂଚ୍‌ନା ମିଳିଛେ । ଦର୍ ବଢ଼୍‌ବାର୍‌ନୁ ଦିଲ୍ଲୀ ନ ସିଏନ୍‌ଜି କେଜିକ ୮୦ ଟଙ୍କା ୯ ପଏସା ହେଇଥିବାର୍ ବେଲେ ଭୁବ୍‌ନେଶ୍ୱର୍ ଆଉ କଟକ୍ ନ ୮୮ ଟଙ୍କା ୨୬ ପଏସା ଆଉ ପୁରୀ ନ ୮୬ ଟଙ୍କା ୭ ପଏସା ହେଇଛେ । ଇ ହପ୍ତା ମୁଲ୍ ଆଢ଼େ ସିଏନ୍‌ଜିର ଦାମ୍ କେଜିକ ୨ ଟଙ୍କା ବଢ଼ିଥିଲା ।

ବିଶ୍ୱ ଉଚ୍ଚ ରକ୍ତଚାପ ଦିବସ ଆର୍‌ଏନ୍‌ୟୁ / ସମ୍ବଲପୁର

'ମିଶିକରି ଉଚ୍ଚରକ୍ତଚାପକେ ନିୟନ୍ତ୍ରଣ୍ କର୍‌ମା' ବାର୍ତା ନେଇକରି ଆଏଜ୍ ପାଲନ୍ କରାଯାଉଛେ ବିଶ୍ୱ ଉଚ୍ଚ ରକ୍ତଚାପ ଦିବସ୍ । ରକ୍ତଚାପ୍‌ର ପ୍ରତିରୋଧ୍, ଚିହ୍ନଟ୍ ଆର୍ ନିୟନ୍ତ୍ରଣ୍ ବାବ୍‌ଦେ ଲୁକ୍‌କୁ ସଚେତନ୍ କର୍‌ବାର୍ ଲାଗି ଫି' ବଛର୍ ମେ ମାସର୍ ଆଝିର୍ ଦିନେ ବିଶ୍ୱ ଉଚ୍ଚ ରକ୍ତଚାପ ଦିବସ ପାଲନ୍ କରାଯାଇ ଆସୁଛେ । ୨୦୦୬ ମସିହାନୁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ୍ ଇ ଦିବସ୍ ପାଲନ୍ ମୁଲ୍ କରିଥିଲା । ଭାରତ୍ ନ ପୁର୍‌ଥିର୍ ସବୁନୁ ଅଏତ୍‌କା ରକ୍ତଚାପ ରୋଗୀ ଅଛନ୍ । ଏଛେନ୍ ପୁର୍‌ଥି ନ ଶହେ ୪୦ କୋଟି ଲୋକ୍ ରକ୍ତଚାପ ରୋଗୀ ଥିବାର୍ ବେଲେ ଖାଲି ଭାରତ୍ ନ ୨୨ କୋଟି ରୋଗୀ ଅଛନ୍ । ପ୍ରଭାବ୍‌ଶାଳୀ ଆଉ ସୁଲଭ ଚିକିତ୍ସା ବ୍ୟବସ୍ଥା ମିଲ୍‌ଲେ ଭିଲ୍ ବହୁତ୍ ଲୋକ୍ ଇ ବାବ୍‌ଦେ ସଚେତନ୍ ନୁହନ୍ । ଯେନ୍‌ଥିର୍‌ଲାଗି ଉଚ୍ଚରକ୍ତଚାପ୍‌ଥି ପିଡ଼ିତ୍ ୪ ଝନ୍‌କର୍ ଭିତ୍‌ରୁ ଖାଲି ଝନ୍‌କର୍ ରକ୍ତଚାପ ନିୟନ୍ତ୍ରଣ୍‌ଥି ରହୁଛେ । ଇ ଅବ୍‌ସରେ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ରାଜ୍ୟବାସୀଙ୍କୁ ସୁସ୍ଥ ଜୀବନ୍‌ଶୈଳୀ ଅପ୍‌ନାବାର୍‌କେ ଆହ୍ୱାନ୍ ଦେଇଛନ୍ । ନିୟମିତ୍ ସ୍ୱାସ୍ଥ୍ୟପରୀକ୍ଷା, ସନ୍ତୁଳିତ୍ ଖିଆପିଆ, ଶାରୀରିକ୍ କାମ୍‌କାଜ୍ ଆଉ ମାନସିକ୍ ଚାପ ନିୟନ୍ତ୍ରଣ୍ ବାଗିର୍ ପଦକ୍ଷେପ୍ ଉଚ୍ଚ ରକ୍ତଚାପ ନିୟନ୍ତ୍ରଣ୍

କର୍‌ବାର୍‌ଥି ଗୁରୁତ୍ୱପୂର୍ଣ୍ଣ ଭୂମିକା ନେସି ବଲି ମୁଖ୍ୟମନ୍ତ୍ରୀ କହିଛନ୍ ।

ବିଶ୍ୱ ଦୂରସଂଚାର ଦିବସ୍         ଆର୍‌ଏନ୍‌ୟୁ ସମ୍ବଲପୁର୍

ସାରା ପୁର୍‌ଥି ନ ଆଏଜ୍ ପାଲନ୍ କରାଯାଉଛେ ବିଶ୍ୱ ଦୂରସଂଚାର ଦିବସ୍ ।  ମିଳିତ ଜାତିସଂଘ ତର୍‌ଫୁ ୨୦୦୬ ମସିହାନୁ ଇ ଦିବସ୍ ପାଲନ୍ କରାଯାଉଛେ । ସୂଚନା ପ୍ରଯୁକ୍ତି ବିଦ୍ୟା ଆର୍ ଇଂଟର୍‌ନେଟ୍ ବାଗିର୍ ଆଧୁନିକ ବୈଷୟିକ ଜ୍ଞାନ୍ କୌଶଲ୍ ଏଛନିର୍ ସମିଆର୍ ସମାଜ୍‌କେ ଗହୀର ପ୍ରଭାବ୍ ପକେଇଛେ । ଇ ବାବଦେ ପୁର୍‌ଥିର୍ ଲୁକ୍‌କୁ ସଚେତନ୍ କର୍‌ବାର୍‌ଟା ଇ ଦିନ୍ ପାଲନ୍‌ର ମୁଲ୍ ଲକ୍ଷ୍ୟ ଆଏ । ୧୮୬୫ ମସିହା ଆଜିର୍ ଦିନେ ଅନ୍ତର୍ଜାତୀୟ ଦୂରସଂଚାର ସଂଘ - ଇଂଟର୍‌ନେସନ୍‌ନାଲ୍ ଟେଲି କମ୍ୟୁନିକେସନ୍ ୟୁନିୟନ୍ ଗଠନ୍ କରାଯାଇଥିଲା । ଇ ବଛର୍ ଇ ଦିବସର୍ ବାର୍ତା ହେଉଛେ ପ୍ରଯୁକ୍ତିବିଦ୍ୟା, ଜୀବନ୍‌ରେଖା: ସଂଗଠିତ୍ ପୁର୍‌ଥି ଲାଗି ନିରନ୍ତରତାକେ ବର୍‌କସ୍ କର୍‌ମା ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ଭାରତୀୟ ପାଣିପାଗ୍ ବିଭାଗ୍‌ର ସୂଚ୍‌ନା ଅନ୍‌ସାରେ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ଗଲାଗାଏଲ୍ ଆଣ୍ଡାମାନ୍ ନ ପୁହୁଁଚିଛେ । ମୌସୁମୀ ବାୟୁ ଦକ୍ଷିଣ ପୂର୍ବ ଆରବ୍ ସାଗର୍‌ର୍ କିଛି ଇଲାକା, ଦକ୍ଷିଣ ପୂର୍ବ ଆଉ ଦକ୍ଷିଣ୍ ପଶ୍ଚିମ ବଙ୍ଗୋପ୍‌ସାଗର, ଆଣ୍ଡାମାନ୍ ସାଗର୍‌ର କିଛି ଇଲାକା ଆଉ ଆଣ୍ଡାମାନ୍, ନିକୋବର୍ ଦ୍ୱୀପପୁଞ୍ଜକେ ପୁହୁଁଚିବାର୍ ସମ୍ଭାବନା ଅଛେ ।

କାଲ୍‌ବୈଶାଖୀର୍ ପ୍ରଭାବ୍‌ଥି ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ଆଏବା ୨୧ ତାରିଖ୍‌ତକ୍ ଧୁକାଗର୍ଡ଼ି ସାଙ୍ଗେ ବର୍ଷା ହେବାର୍ ସମ୍ଭାବନା ରହିଛେ । ଗଲା ୨୪ ଘଂଟା ଭିତ୍‌ରେ ସୁନ୍ଦର୍‌ଗଡ଼୍ ଗୁରୁଣ୍ଡିଆ ଠାନେ ସବୁନୁ ଜହ ୯ ସେଂଟିମିଟର୍ ବର୍ଷା ରେକର୍ଡ଼ କରାଯାଇଛେ ।